# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା



ସଂଖ୍ୟା - ୬୨ (ଓଡ଼ିଆ ବୁଲେଟିନ) ସପ୍ତାହ - ୩୧ ତାରିଖ: ୦୫.୦୮.୨୦୨୫


## ଜିଲ୍ଲା – ସୋନପୁର

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୩୦.୦୭.୨୦୨୫ ରୁ ୦୫.୦୮.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୩୦ | ୩୧ | ୦୧ | ୦୨ | ୦୩ | ୦୪ | ୦୫ | ୩୦ | ୩୧ | ୦୧ | ୦୨ | ୦୩ | ୦୪ | ୦୫ | ୩୦ | ୩୧ | ୦୧ | ୦୨ | ୦୩ | ୦୪ | ୦୫ |
| ସୋନପୁର | 28 | 29 | 32 | 32 | 32 | 33 | 34 | 24 | 26 | 26 | 26 | 25 | 27 | 27 | 3.4 | 0.3 | 0.0 | 0.0 | 9.0 | 0.0 | 0.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୬-୦୮-୨୦୨୫ | ୦୭-୦୮-୨୦୨୫ | ୦୮-୦୮-୨୦୨୫ | ୦୯-୦୮-୨୦୨୫ | ୧୦-୦୮-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 2 | 8 | 12 | 11 | 4 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 35 | 35 | 34 | 34 | 35 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 27 | 27 | 26 | 26 | 27 |
| ମେଘ ଆବରଣ (ଓକଟା) | 3 | 5 | 5 | 5 | 4 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 80 | 82 | 87 | 88 | 89 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 55 | 56 | 58 | 70 | 63 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 3 | 5 | 6 | 4 | 4 |
| ପବନର ଦିଗ (ଡିଗ୍ରୀ) | 201 | 217 | 228 | 186 | 202 |


ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ


## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ଜିଲ୍ଲାର କିଛିଟା ସ୍ଥାନରେ ଘଡ଼ଘଡ଼ି ସହ ହାଲୁକା ରୁ ମଧ୍ୟମ ଧରଣର ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଅଛି ଏବଂ ଏହି ସମୟ ଅବଧିରେ ଆକାଶ ଆଂଶିକ ରୁ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆସନ୍ତା ସପ୍ତାହରେ ସର୍ବାଧିକ (ଦିନର) ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା ଅଧିକ ରହିବା ସହିତ ୩ ରୁ ୬ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ଭାରତ ପାଣିପାଗ ବିଜ୍ଞାନ ବିଭାଗର ବିସ୍ତାରିତ ପୂର୍ବାନୁମାନ (ପରବର୍ତ୍ତୀ ସପ୍ତାହର ୬ ରୁ ୧୨ ଦିନ ପାଇଁ ପାଣିପାଗ ପୂର୍ବାନୁମାନ) ଅନୁଯାୟୀ, ୧୦.୦୮.୨୦୨୫ ରୁ ୧୬.୦୮.୨୦୨୫ ମଧ୍ୟରେ ଓଡ଼ିଶା ରାଜ୍ୟରେ ବର୍ଷାର ସ୍ଥିତି ସ୍ୱାଭାବିକ ରହିବା ସହିତ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ମଧ ସ୍ୱାଭାବିକ ରହିପାରେ ।
- ଚାଷୀଭାଇମାନେ ଔଷଧର ପ୍ରୟୋଗ ବା ସିଞ୍ଚନ, ଘାସ ବାଛିବା, କୋଡା ଖୋସା କରିବା ଭଳି କୃଷି କାର୍ଯ୍ୟ ଏହି ସପ୍ତାହରେ କରିନେବା ଉଚିତ ।
- ଚାଷୀଭାଇମାନଙ୍କୁ କ୍ଷେତରେ ଉପଲବ୍ଧ ମାଟି ଆର୍ଦ୍ରତାରେ କିମ୍ବା ଜଳସେଚନ କରି ଧାନ ଫସଲ ରୋପଣ ଏବଂ ଅନ୍ୟାନ୍ୟ ଖରିଫ ଫସଲ ଯେପରିକି

ହରଡ଼, ମକା, ଚିନାବାଦାମ, ମୁଗ, ଝୁଡ଼ଙ୍ଗ ଏବଂ ଅନ୍ୟାନ୍ୟ ବର୍ଷାକାଳୀନ ପନିପରିବା ଇତ୍ୟାଦି ବୁଣିବା କାର୍ଯ୍ୟ ଯଥାସିଘ୍ର ସମାପ୍ତ କରିବାକୁ ପରାମର୍ଶ ଦିଆଯାଇଅଛି ।

- ପ୍ରଚଳିତ ପାଗର ସ୍ଥିତି (ସାମୟିକ ମେଘୁଆ ଏବଂ ଖରାପାଗ ସହିତ ଅଧିକ ଆର୍ଦ୍ରତା) ବିଭିନ୍ନ ଫସଲରେ ରୋଗ ପୋକ ଆକ୍ରମଣ ପାଇଁ ଅନୁକୂଳ ଅଟେ, ତେଣୁ ଚାଷୀଭାଇମାନଙ୍କୁ ବିଭିନ୍ନ ରୋଗ ଓ ଶୋଷକ କୀଟମାନଙ୍କ ଆକ୍ରମଣ ପ୍ରତି ନିଜ କ୍ଷେତର ନିୟମିତ ଭାବରେ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି ।
- ଆସନ୍ତା ସପ୍ତାହର ପ୍ରଥମ କିଛି ଦିନ ଝଡ଼ବର୍ଷା କିମ୍ବା ବିଜୁଳି ଘଡ଼ଘଡି ହେବାର ସମ୍ଭାବନା ଥିବାରୁ ଚାଷୀଭାଇମାନେ ନିଜ ପଶୁମାନଙ୍କୁ ଗୁହାଳରେ ସୁରକ୍ଷିତ ସ୍ଥାନରେ ରଖନ୍ତୁ ଏବଂ ଯେକୌଣସି ବୈଦ୍ୟୁତିକ ଉପକରଣଠାରୁ ଦୂରରେ ରଖନ୍ତୁ ।

## ସଂକ୍ଷିପ୍ତ ଉପଦେଶ

- ଧାନ କ୍ଷେତରେ କାଣ୍ଡବିନ୍ଧା ଏବଂ ପତ୍ର ପୋଡା ପୋକ ଆକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ, ଚାଷୀଭାଇମାନେ ଧାନ କ୍ଷେତରେ ପ୍ରତି ଏକର ପାଇଁ ୩ ଟି ଫେରୋମୋନ ଯନ୍ତା ବ୍ୟବହାର କରି ଏହି ପୋକମାନଙ୍କର ଆକ୍ରମଣ ଉପରେ ନଜର ରଖନ୍ତୁ ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ ଧାନ | ରୋପଣ / ରୋପଣ ପର ଅବସ୍ଥା / ପିଲ ଦେବା ଅବସ୍ଥା | • ଯେଉଁ ଚାଷୀମାନଙ୍କ ଧାନ ଚାରା ବା ପଲା ୨୫ ରୁ ୩୦ ଦିନ ବୟସର ହୋଇସାରିଲାଣୀ, ସେମାନଙ୍କୁ ଯଥାଶୀଘ୍ର ରୋପଣ କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି ।<br>• ପ୍ରଚଳିତ ପାଗର ସ୍ଥିତିକୁ ଦୃଷ୍ଟିରେ ରଖି, ଆଗାମୀ ଦିନରେ ଧାନ କ୍ଷେତରେ କାଣ୍ଡବିନ୍ଧା ଓ ପତ୍ର ମୋଡା ପୋକର ଆକ୍ରମଣ ଉପରେ ନଜର ରଖିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଅଛି ।<br>• ଧାନ କ୍ଷେତରେ ଏହି ପୋକର ପ୍ରାଦୁର୍ଭାବ ନିରୀକ୍ଷଣ ପାଇଁ ପ୍ରତି ଏକର ଧାନ କ୍ଷେତରେ ୩ ଟି ଫେରୋମୋନ ଫାଶ/ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପୋକ/ଫାଶ/ଯନ୍ତା ଙ୍କ ସଂଖ୍ୟା ୪ କିମ୍ବା ୫ ପର୍ଯ୍ୟନ୍ତ ପହଞ୍ଚିଯିବ, ସେତେବେଳେ ଏକର ପିଛା ଆଜାଡିରାକ୍ଟିନ୍ ୦.୧୫% ଇ.ସି. @ ୮୦୦ ମିଲି କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୦.୪% ଜି.ଆର. @ ୪ କିଲୋଗ୍ରାମକୁ ବାଲି ସହିତ ୧:୧ ଅନୁପାତରେ ମିଶ୍ରଣ କରନ୍ତୁ କିମ୍ବା ୬୦ ମିଲି କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ % ଏସ୍.ସି. କିମ୍ବା ୧୦ କିଲୋଗ୍ରାମ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁ.ଜି. @ ୫୦ ଗ୍ରାମ କୁ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ମକା | ଅଂଗିୟ ଅବସ୍ଥା | • ଏବେ କିଛି ମକା କ୍ଷେତରେ କାଣ୍ଡବିନ୍ଧା ପୋକର ଆକ୍ରମଣ ଦେଖାଯାଉଛି, ତେଣୁ ଚାଷୀମାନଙ୍କୁ ଏହି ପୋକକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ @ ୦.୪ ମିଲି କିମ୍ବା ଇମାମେକ୍ଟିନ୍ ବେଞ୍ଜୋଏଟ୍ @ ୦.୪ ଗ୍ରାମ ପ୍ରତି ଲିଟର ପାଣିରେ ଭଲ ଭାବରେ ମିଶାଇ ଶୁଷ୍କ ପାଗକୁ ଦେଖି ସିଞ୍ଚନ କାର୍ଯ୍ୟ କରନ୍ତୁ । |
| ଆମ୍ବ | ଅଂଗିୟ ଅବସ୍ଥା (ନୁଆଁ ବଗିଚା) | • ପ୍ରଚଳିତ ପାଗ ଯୋଗୁଁ, କିଛି ନୂତନ ଭାବରେ ଲଗାଯାଇଥିବା ଆମ୍ବ ଗଛରେ ପତ୍ର ଖାଉଥିବା ପୋକର ଆକ୍ରମଣ ଦେଖାଯାଇପାରେ, ତେଣୁ ଚାଷୀଭାଇମାନଙ୍କୁ ନିୟମିତ ଭାବରେ ସେମାନଙ୍କ ବଗିଚାର ତଦାରଖ କରିବାକୁ ପରାମର୍ଶ ଦିଆଯାଉଛି । |
| | ପୁରୁଣା ବଗିଚା | • ପୁରୁଣା ବଗିଚାରେ ବୁଢିଆଣୀ ଜାଲ ସଫା କରିବା ଉଚିତ ଏବଂ ପ୍ରଭାବିତ ଅଂଶ କାଟି ପୋଡ଼ି ଦେବା ଉଚିତ ।<br>• ଆମ୍ବରେ ଲାଲ କଳଙ୍କି ଏବଂ ଆନ୍ଥ୍ରାକନୋଜ୍ ନିୟନ୍ତ୍ରଣ ପାଇଁ ୩ ଗ୍ରାମ କପର ଅକ୍ସିକ୍ଲୋରାଇଡ୍ କୁ ପ୍ରତି ଲିଟର ପାଣିରେ ମିଶାଇ ସଫା ପାଗକୁ ଦେଖି ସିଞ୍ଚନ କରନ୍ତୁ । |
| ବାଇଗଣ, ବିଲାତି ବାଇଗଣ | ଫଳ ଅବସ୍ଥା | • ପୂର୍ବ ଦିନଗୁଡିକରେ ପାଣିପାଗର ଯେଉଁ ସ୍ଥିତି ରହିଥିଲା ତାହା ଟମାଟୋ ଏବଂ ବାଇଗଣ ଫସଲରେ ଯଥାକ୍ରମେ ଫଳ ବିନ୍ଧା ପୋକ ଏବଂ ଫଳ ଓ କାଣ୍ଡ ବିନ୍ଧା ପୋକ ଆକ୍ରମଣ ପାଇଁ ଅନୁକୂଳ ଥିଲା, ତେଣୁ ଆଗାମୀ ଦିନରେ ଏହାର ପ୍ରକୋପ ଦେଖିବାକୁ ମିଳିପାରେ ତେଣୁ ଏହାର ସଂକ୍ରମଣ ପ୍ରତି ନିୟମିତ ନିରୀକ୍ଷଣ କରନ୍ତୁ ।<br>• ଯଦି ଆକ୍ରମଣ ଦେଖାଯାଏ, ତେବେ ପ୍ରତି ଲିଟର ପାଣିରେ ଇମାମେକ୍ଟିନ୍ ବେଞ୍ଜୋଏଟ୍ @ ୦.୪ ଗ୍ରାମ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ @ ୦.୩ ମିଲି କିମ୍ବା ଟେଟ୍ରାନିଲିପ୍ରୋଲ୍ @ ୦.୫ ମିଲିକୁ ବର୍ଷା ନ ହେବା ସ୍ଥିତିରେ ସଫା ପାଗକୁ ଦେଖି ଖେତରେ ସିଞ୍ଚନ କରନ୍ତୁ । |
| ଲଙ୍କା | ନର୍ସରୀ | • ଲଙ୍କା ଫସଲରେ ନର୍ସରୀ ବେଡ (ତଳି ଘେରା) ରେ ପର୍ଯ୍ୟାପ୍ତ ଜଳ ନିଷ୍କାସନର ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ କାରଣ ଆଗକୁ |

| | | |
|---|---|---|
| | ପରିଚାଳନା / ଚାରା / ରୋପଣ | କିଛିଟା ଜାଗାରେ ବର୍ଷା ହେବାର ସମ୍ଭାବନା ରହିଅଛି ।<br>• ପ୍ରଚଳିତ ପାଗ ଯୋଗୁଁ ବିଭିନ୍ନ ପ୍ରକାର ଶୋଷକ କୀଟମାନଙ୍କ ସଂକ୍ରମଣ ବଢ଼ିବାର ଦେଖାଯାଇପାରେ ତେଣୁ ଏହା ପ୍ରତି ନଜର ରଖିବାକୁ ପରାମର୍ଶ ଦିଆଯାଇଅଛି । |
| ଗୋରୁ ଗାଈ ଓ ମଇଷି | • ଏବେ ଗାଇମାନଙ୍କଠାରେ ଫାଟୁଆ ରୋଗର ଲକ୍ଷଣ ଦେଖାଦେଲାଣି, ତେଣୁ ଏହି ରୋଗର ପ୍ରତିକାର ପାଇଁ ୪ ମାସରୁ ଅଧିକ ବୟସର ପଶୁଙ୍କୁ ପ୍ରତି ୬ ମାସରେ ଥରେ ଫାଟୁଆ ଟୀକା ଦେବା ଜରୁରୀ ହୋଇଥାଏ ଓ ପ୍ରଥମ ଟୀକାକରଣର ୨୮ ଦିନ ପରେ ଆଉ ଏକ ବୁଷ୍ଟର ଟୀକା ଦେବା ଉଚିତ । ଟୀକାକରଣ ପୂର୍ବରୁ କୃମିନାଶକ ଔଷଧର ସେବନ କରାନ୍ତୁ ଏହାଦ୍ବାରା ଟୀକାକରଣର ଅଧିକ ସୁଫଳ ମିଳିଥାଏ । | |
| କୁକୁଡ଼ା | • ପ୍ରଚଳିତ ପାଗ ଯୋଗୁଁ, କୁକୁଡ଼ା ଫାର୍ମରେ ରାଣୀଖେତ ବା ଘୁମା ରୋଗ ଆକ୍ରମଣର ଲକ୍ଷଣ ଦେଖାଯାଉଛି, ତେଣୁ ଏହି ରୋଗକୁ ନିୟନ୍ତ୍ରଣ କରିବା ପାଇଁ, କୁକୁଡ଼ା ଛୁଆମାନଙ୍କୁ ୧ ରୁ ୭ ଦିନ ବୟସରେ ଏବଂ ତା'ପରେ ପୁଣି ୨୦ ରୁ ୨୮ ଦିନ ବୟସରେ ରାଣୀଖେତ ରୋଗ ପ୍ରତିରୋଧୀ ଟୀକା ନିଶ୍ଚୟ ଦିଅନ୍ତୁ ଏବଂ ଆବଶ୍ୟକ ସ୍ଥଳେ ନିକଟସ୍ଥ ପଶୁ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ । | |


| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ।